# NATIONAL NEWS BULLETIN (ODIA)

## 17 September - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଦେଶ ଦ୍ରୁତ ଅଗ୍ରଗତି କରୁଛି, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ଓଡ଼ିଶା ସରକାରଙ୍କ ଆକାଂକ୍ଷି ଯୋଜନା '**ସୁଭଦ୍ରା**'ର କଲେ ଶୁଭାରମ୍ଭ ।

- ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଆସନ୍ତାକାଲି ।

- ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ମାମଲା ତଥ୍ୟରୁ ପିଡ଼ିତାଙ୍କ ନାମ ହଟାଇବାକୁ ଉ୍ଵିକିପିଡ଼ିଆକୁ ସୁପ୍ରିମ୍‌କୋର୍ଟ୍‌ଙ୍କ ନିର୍ଦ୍ଦେଶ ।

- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଅରବିନ୍ଦ କେଜରିଓ୍ଵାଲ୍ ।

– ଆପ୍ ବିଧାୟକ ଦଳ ନେତା ଭାବେ ଆତିଶୀ ମନୋନୀତ ।

ଏବଂ

- ପଞ୍ଚମ ଥର ପାଇଁ ପୁରୁଷ ଏସିଆନ୍ ହକି ଚମ୍ପିଆନ୍‌ସିପ୍ ପ୍ରତିଯୋଗୀତା ଟାଇଟଲ ହାସଲ କଲା ଭାରତ ।

## ପ୍ରଧାନମନ୍ତ୍ରୀ-ଓଡ଼ିଶା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିକଶିତ ଭାରତ ଲକ୍ଷ୍ୟ ପୁରଣ ଦିଗରେ ଦେଶ ଦ୍ରୁତ ଅଗ୍ରଗତି କରୁଛି । ଏଥିରେ ମହିଳା, କୃଷକ, ଯୁବବର୍ଗ, ମଧ୍ୟବିତ୍ତ ଏବଂ ଦରିଦ୍ର୍ୟ ଶ୍ରେଣୀର ଲୋକଙ୍କର ସମପରିମାଣର ଅବଦାନ ରହିଛି । ଭୁବନେଶ୍ୱର ଜନତା ମଇଦାନ ଠାରେ ଏକ ଜନସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ତୃତୀୟ ପାଳିରେ ଆଜି ୧୦୦ ଦିନ ପୂରଣ କରିଛି । ଏହି ସମୟସୀମା ମଧ୍ୟରେ ସରକାର ବହୁ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଏବଂ ଯୋଜନା ପ୍ରଣୟନ କରିଛନ୍ତି ।

ବାସହୀନଙ୍କ ପାଇଁ ତିନି କୋଟି ପକ୍କା ଘର ନିର୍ମାଣ, ୨୫ ହଜାର ଗ୍ରାମକୁ ପକ୍କା ସଡ଼କ ନିର୍ମାଣ, ୭୫ ହଜାରରୁ ଅଧିକ ମେଡିକାଲ୍ ସିଟ୍ ବୃଦ୍ଧି, କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ନୂତନ ପେନ୍‌ସନ୍ ଯୋଜନା, ୨ ଲକ୍ଷ କୋଟି ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, ଘରୋଇ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ଭଳି ଅନେକ ଯୋଜନା ସରକାର

କାର୍ଯ୍ୟକାରୀ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶା ସରକାରଙ୍କ ଆକାଂକ୍ଷି ଯୋଜନା ସୁଭଦ୍ରାର ଶୁଭାରମ୍ଭ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ମହିଳା ସଶକ୍ତିକରଣ ଏବଂ ସେମାନଙ୍କର ଆର୍ଥିକ ଉନ୍ନତି ଦିଗରେ ସୁଭଦ୍ରା ଯୋଜନା ବେଶ୍ ଫଳପ୍ରଦ ହୋଇପାରିବ । ଏହି ଯୋଜନାରେ ୨୧ରୁ ୬୦ ବର୍ଷ ମଧ୍ୟରେ ଯୋଗ୍ୟ ୧ କୋଟି ମହିଳାଙ୍କୁ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଯୋଜନାର ପ୍ରଥମ କିସ୍ତି ଅର୍ଥ ୨୫ ଲକ୍ଷ ୧୧ ଜଣ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ୧ହଜାର ୨୫୦ କୋଟି ୫୫ ହଜାର ଟଙ୍କା ପ୍ରଦାନ କରିଛନ୍ତି । ଏହି ଯୋଜନାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଡିଜିଟାଲ୍ କରେନ୍ସିର ପାଇଲଟ୍ ପ୍ରକଳ୍ପରେ ସାମିଲ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ହିତାଧିକାରୀମାନଙ୍କୁ ୫ହଜାର ଟଙ୍କା ଲେଖାଏଁ ୨ଟି କିସ୍ତିରେ ପ୍ରତିବର୍ଷ ୧୦ହଜାର ଟଙ୍କା ଦିଆଯିବ । ସେମାନଙ୍କୁ ୫ ବର୍ଷରେ ୫୦ ହଜାର ଟଙ୍କା ମିଳିବ । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କନକ ବର୍ଦ୍ଧନ ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ ଯୋଗ ଦେଇଥିଲେ।

ଭୁବନେଶ୍ୱର ଗାଡ଼କଣ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)ର ୨୦ ଜଣ ହିତାଧିକାରୀଙ୍କ ସହ ମତବିନିମୟ କରିଥିଲେ । ସେମାନଙ୍କର ନୂତନ ଗୃହର ଚାବିକୁ ତାଙ୍କୁ ହସ୍ତାନ୍ତର

କରିଥିଲେ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଆଜି ରାଜ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ପାଇଁ ୨ ହଜାର ୮୭୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏଥିରେ ୪ଟି ପ୍ରମୁଖ ରେଳ ସେକ୍ସନର ଉଦ୍‌ଘାଟନ କରିଛନ୍ତି ଏବଂ ଅନ୍ୟ ୪ଟି ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରଧାନମନ୍ତ୍ରୀ ରାଜ୍ୟ ପାଇଁ ହଜାରେ କୋଟି ଟଙ୍କାର ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପର ମଧ୍ୟ ଶୁଭାରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଅଧୀନରେ ୧୪ଟି ରାଜ୍ୟର ପାଖାପାଖି ୧୦ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବାବଦରେ ୩ହଜାର ୧୮୦ କୋଟି ଟଙ୍କା ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ୩୦ଲକ୍ଷ ହିତାଧିକାରୀଙ୍କ ଗୃହ ପ୍ରବେଶ କାର୍ଯ୍ୟକ୍ରମ ମଧ୍ୟ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଥିଲେ । ପ୍ରଧାନମନ୍ତ୍ରୀ ଏହି ଅବସରରେ ଆବାସ ପ୍ଲସ୍ ୨୦୨୪ ମୋବାଇଲ୍‌ର ଆପ୍‌ର ଲୋକାର୍ପଣ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ର ଶୁଭାରମ୍ଭ କରିଥିଲେ ।

ଦିନିକିଆ ଓଡ଼ିଶା ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

## ପ୍ରଧାନମନ୍ତ୍ରୀ-୧୦୦ ଦିନ ପୂର୍ତ୍ତି

କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କର ତୃତୀୟ ପାଳିକୁ ୧୦୦ ଦିନ ପୂରଣ ହୋଇଛି । ଗତ ଜୁନ୍ ମାସ ୯ ତାରିଖରେ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ତୃତୀୟଥର ପାଇଁ ଶପଥ ଗ୍ରହଣ କରିଥିଲେ । ତୃତୀୟ ପାଳିର ୧୦୦ ଦିନ ଶାସନ ମଧ୍ୟରେ ଅନେକ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯାଇଛି ।

ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସୂଚନା ଦେଇ କ୍ଷୁଦ୍ର, ଅଣୁକ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନରାମ ମାଞ୍ଝୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନିଯୁକ୍ତି ଯୋଜନା ଅଧୀନରେ ଏହି ସମୟସୀମା ମଧ୍ୟରେ ୩ହଜାର ୧୪୮ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି । ଏଥିସହ ୨ଲକ୍ଷ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ୨୬ ହଜାରରୁ ଊର୍ଦ୍ଧ୍ୱ ଅଣୁକ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇଛି । ସେ କହିଛନ୍ତି, ଦେଶର ଅର୍ଥ ବ୍ୟବସ୍ଥାରେ ଏମ୍.ଏସ୍.ଏମ୍.ଇ. ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ ।

## ଜେକେ-ପ୍ରଥମ ପର୍ଯ୍ୟାୟ ମତଦାନ

ଜାମ୍ମୁ କାଶ୍ମୀରରେ ବିଧାନସଭା ନିର୍ବାଚନ ପାଇଁ ୧୦ ବର୍ଷ ମଧ୍ୟରେ ଆସନ୍ତାକାଲି ପ୍ରଥମଥର ମତଦାନ ହେବାକୁ ଯାଉଛି । ଏହି ପ୍ରଥମ

ପର୍ଯ୍ୟାୟ ନିର୍ବାଚନରେ ୭ଟି ଜିଲ୍ଲାର ୨୪ଟି ବିଧାନସଭା ମଣ୍ଡଳୀ ପାଇଁ ମତଗ୍ରହଣ କରାଯିବ । ୨୩ଲକ୍ଷ ୨୭ହଜାର ୫୮୦ ଜଣ ଭୋଟର ୨୧୯ ଜଣଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ସେଥିମଧ୍ୟରେ ସ୍ୱାଧୀନ ପ୍ରାର୍ଥୀ ଭାବେ ୯୦ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୨୦୧୯ ମସିହାରେ ଅଗଷ୍ଟ ମାସରେ ଧାରା ୩୭୦ ଉଚ୍ଛେଦ ପରେ ଜାମ୍ମୁ କାଶ୍ମୀରରେ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଛି । ନିର୍ବାଚନ ପାଇଁ ଜାମ୍ମୁ କାଶ୍ମୀର ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଅଧିକରୁ ଅଧିକ ମତଦାତାଙ୍କୁ ଆକୃଷ୍ଟ କରିବା ଲାଗି ନିର୍ବାଚନ ଆୟୋଗଙ୍କ ତରଫରୁ ବିଭିନ୍ନ ପ୍ରକାର ଜନସଚେତନତା କାର୍ଯ୍ୟକ୍ରମ କରାଯାଇଛି । କେନ୍ଦ୍ରୀୟ ସଶସ୍ତ୍ର ଅର୍ଦ୍ଧସାମରିକ ବାହିନୀ, ଜାମ୍ମୁ କାଶ୍ମୀର ସଶସ୍ତ୍ର ପୁଲିସ୍ ଏବଂ ଜାମ୍ମୁ କାଶ୍ମୀର ପୁଲିସ୍‌ର ବହୁ ସ୍ତରୀୟ ଫୋର୍ସ ସୁରକ୍ଷା ବ୍ୟବସ୍ଥାରେ ସାମିଲ ଅଛନ୍ତି ।

## ଏସ୍.ସି.-ଆର୍ ଜି କର୍

କୋଲକାତା ଆର୍ ଜି କର୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ମହିଳା ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ମାମଲାର ତଥ୍ୟରୁ ପିଡ଼ିତାଙ୍କ ନାମ ହଟାଇବାକୁ ସୁପ୍ରିମ୍‌କୋର୍ଟ ଓ୍ୱିକିପିଡ଼ିଆକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପାର୍ଦ୍ଦିଓ୍ୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ

ଦେଇଛନ୍ତି । ମାମଲା ଶୁଣାଣି ସମୟରେ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ଓ୍ୱିକିପିଡ଼ିଆରେ ପିଡ଼ିତାଙ୍କ ନାମ ଏବଂ ଫଟୋ ପ୍ରଦର୍ଶିତ ହେଉଥିବା ସମ୍ପର୍କରେ ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ । ଖଣ୍ଡପୀଠ କହିଥିଲେ, ଗତ ଅଗଷ୍ଟ ୨୦ ତାରିଖରେ ପିଡ଼ିତାଙ୍କ ନାମ ଏବଂ ଫଟୋ ସାମାଜିକ ତଥା ବୈଦ୍ୟୁତିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମରୁ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ଏହି ଆଦେଶକୁ ପାଳନ କରିବାକୁ ଖଣ୍ଡପୀଠ ଓ୍ୱିକିପିଡ଼ିଆକୁ ପୁନଃ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ପକ୍ଷରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସି.ବି.ଆଇ. ଦାଖଲ କରିଥିବା ଷ୍ଟାଟସ୍ ରିପୋର୍ଟ୍ ଚିନ୍ତାଜନକ ବୋଲି ଖଣ୍ଡପୀଠ କହିଛନ୍ତି । ଏ ସମ୍ପର୍କରେ କୌଣସି ତଥ୍ୟ ପ୍ରଦାନ କରାଯିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ତଥ୍ୟ ପ୍ରକାଶ ପାଇଲେ ତଦନ୍ତ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି ବୋଲି ଖଣ୍ଡପୀଠ କହିଛନ୍ତି ।

## ଦିଲ୍ଲୀ-ମୁଖ୍ୟମନ୍ତ୍ରୀ ଇସ୍ତଫା

ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତା ଆତିଶୀ ଦିଲ୍ଲୀର ନୂତନ ମୁଖ୍ୟମନ୍ତ୍ରୀ ହେବେ । ନୂଆଦିଲ୍ଲୀ ଠାରେ ଆଜି ଆପ୍‌ର ବିଧାୟକ ଦଳ ବୈଠକରେ ଆତିଶୀଙ୍କୁ ନେତା ଭାବେ ମନୋନୀତ କରାଯାଇଛି । ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଗୋପାଳ ରାଇ କହିଛନ୍ତି, ବୈଠକରେ ଆତିଶୀଙ୍କୁ ସର୍ବସମ୍ମତି କ୍ରମେ ବିଧାୟକ ଦଳ ନେତା ଭାବେ ମନୋନୀତ

କରାଯାଇଛି । ଆସନ୍ତା ଅକ୍ଟୋବର-ନଭେମ୍ବର ମାସରେ ଦିଲ୍ଲୀରେ ବିଧାନସଭା ନିର୍ବାଚନ କରିବା ପାଇଁ ସେ ଦାବି କରିଛନ୍ତି । ଇତିମଧ୍ୟରେ ଅରବିନ୍ଦ କେଜରିୱାଲ୍ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି । ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କୁ ସାକ୍ଷାତ କରି ସେ ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି ।

ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚଦେବା ଗଣମାଧ୍ୟମକୁ କହିଛନ୍ତି, ଶ୍ରୀ କେଜରିୱାଲଙ୍କ ନେତୃତ୍ୱାଧୀନ ଆପ୍ ସରକାର ଦୁର୍ନୀତିରେ ବୁଡ଼ି ରହିଛି । ଗତ ୧୦ ବର୍ଷ ମଧ୍ୟରେ ଦୁର୍ନୀତିର ଉତ୍ତର ଦଳକୁ ଜନସାଧାରଣଙ୍କୁ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି ।

# ପଶ୍ଚିମବଙ୍ଗ-ନୂତନ ପୁଲିସ୍ କମିଶନର

ଆଇ.ପି.ଏସ୍. ମନୋଜ କୁମାର ବର୍ମାଙ୍କୁ କୋଲକାତା ପୁଲିସ୍‌ର ନୂଆ କମିଶନର ଭାବେ ନିଯୁକ୍ତ କରାଯାଇଛି । ପୂର୍ବରୁ ସେ ପଶ୍ଚିମବଙ୍ଗର ଏ.ଡି.ଜି. ଆଇନ୍ ଶୃଙ୍ଖଳା ଦାୟିତ୍ୱରେ ଥିଲେ । ବର୍ତ୍ତମାନର ପୁଲିସ୍ କମିଶନର ଦିଲ୍ଲୀପ କୁମାର ଗୋୟଲ୍‌ଙ୍କୁ ପଶ୍ଚିମବଙ୍ଗ ପୁଲିସ୍‌ର ସ୍ୱତନ୍ତ୍ର ଟାକ୍ସଫୋର୍ସର ଏ.ଡି.ଜି. ଏବଂ ମହାନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । କୋଲକାତା ପୁଲିସ୍‌ର ଉତ୍ତରାଞ୍ଚଳ ଡେପୁଟି କମିଶନର

ଭାବେ କାର୍ଯ୍ୟରତ ଅଭିଶେକ ଗୁପ୍ତାଙ୍କୁ ଇଷ୍ଟର୍ଣ୍ଣ ଫ୍ରଣ୍ଟିୟର୍ ରାଇଫଲ୍ସର କମାଣ୍ଡାଣ୍ଟ ଭାବେ ବଦଳି କରାଯାଇଛି ।

ସୂଚନା ଯୋଗ୍ୟ ଆର୍ ଜି କର୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ କୋଲକାତା ପୁଲିସ୍‌ର ଉତ୍ତର ଡିଭିଜନ୍ ଅଧୀନରେ ରହିଛି । କନିଷ୍ଠ ଡାକ୍ତରମାନେ ଶ୍ରୀ ଗୁପ୍ତାଙ୍କୁ ମଧ୍ୟ ତାଙ୍କ ପଦବୀରୁ ହଟାଇବା ପାଇଁ ଦାବି କରିଥିଲେ ।

## ସ୍ୱଚ୍ଛତା ସେବା ଅଭିଯାନ

'ସ୍ୱଚ୍ଛତା ହିଁ ସେବା ଅଭିଯାନ-୨୦୨୪' ସମଗ୍ର ଦେଶରେ ଆଜିଠାରୁ ଆରମ୍ଭ ହୋଇଛି । ଏହି ଅଭିଯାନ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ସ୍ୱଚ୍ଛତା ହିଁ ସେବା ଅଭିଯାନର ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସ୍ୱଭାବ ସ୍ୱଚ୍ଛତା–ସଂସ୍କାର ସ୍ୱଚ୍ଛତା' । ସ୍ୱଚ୍ଛ ଭାରତ ମିଶନ୍‌ର ଦଶମ ବାର୍ଷିକୀ ପାଳନ ଅବସରରେ ଏହି ଅଭିଯାନ ଆରମ୍ଭ କରାଯାଇଛି ।

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ସ୍ୱଚ୍ଛତା ଅଭିଯାନ ଏବେ ଦେଶବାସୀଙ୍କ ଅଭିଯାନରେ ପରିଣତ ହୋଇଛି । ନୂଆଦିଲ୍ଲୀ ଠାରେ ବିଭାଗୀୟ ଅଧିକାରୀଙ୍କୁ ସ୍ୱଚ୍ଛତାର ଶପଥପାଠ କରାଇବା ଅବସରରେ ମନ୍ତ୍ରୀ ଶ୍ରୀ ଗୋୟଲ ଏହା କହିଛନ୍ତି ।

# ହକି

ଭାରତ ପଞ୍ଚମ ଥର ପାଇଁ ପୁରୁଷ ଏସିଆନ୍ ହକି ଚମ୍ପିଆନ୍‌ସିପ୍ ପ୍ରତିଯୋଗୀତାର ଟାଇଟଲ ହାସଲ କରିଛି । ଚୀନ୍‌ର ହୁଲୁନ୍‌ବୁର୍ ଠାରେ ଚାଲିଥିବା ଏହି ପ୍ରତିଯୋଗୀତାର ଆଜି ଫାଇନାଲ୍ ମ୍ୟାଚ୍‌ରେ ଭାରତ ଚୀନ୍‌କୁ ଏକ ମାତ୍ର ଗୋଲ୍‌ରେ ପରାସ୍ତ କରିଛି । ଭାରତ ପକ୍ଷରୁ ଯୁଗରାଜ ସିଂହ ଏକମାତ୍ର ଗୋଲ୍ ସ୍କୋର କରିଥିଲେ । ଗତଥରର ଚାମ୍ପିଆନ୍ ଭାରତ ଚଳିତଥର ପ୍ରତିଯୋଗିତାରେ ଅପରାଜେୟ ଭାବେ ଟାଇଟଲ ହାସଲ କରିଛି । ପୁରୁଷ ଏସିଆନ୍ ହକି ଚମ୍ପିଆନ୍‌ସିପ୍ ପ୍ରତିଯୋଗିତାର ୮ଟି ସଂସ୍କାରଣ ମଧ୍ୟରୁ ଭାରତ ଚଳିତଥରକୁ ମିଶାଇ ୬ ଥର ଫାଇନାଲ୍‌କୁ ଉନ୍ନିତ ହୋଇଥିଲା । ଚୀନ୍ ପ୍ରଥମଥର ପାଇଁ ଫାଇନାଲ୍‌ରେ ପ୍ରବେଶ କରିଥିଲା ।

# ବ୍ୟାଡମିଣ୍ଟନ-ଚାଇନା ଓପନ

ଚାଙ୍ଗଝାଉରେ ଚାଲିଥିବା ଚାଇନା ଓପନ ବ୍ୟାଡମିଣ୍ଟନ ୨୦୨୪ ଅନ୍ତର୍ଗତ ବି.ଡବ୍ଲ୍ୟୁ.ଏଫ୍ ସୁପର ୧୦୦୦ ବର୍ଗରେ ପ୍ରିୟାଂଶୁ ରଜାବତ ଓପ୍‌ନିଂ ରାଉଣ୍ଡରେ ପରାସ୍ତ ହୋଇଛନ୍ତି । କାନାଡ଼ାର ବ୍ରାଏନ ୟାଙ୍ଗ, ପ୍ରିୟାଂଶୁଙ୍କୁ ସିଧା ସେଟ୍‌ରେ ପରାସ୍ତ କରିଛନ୍ତି । ଅନ୍ୟଏକ ପ୍ରତିଯୋଗିତାରେ କିରନ ଜର୍ଜ୍ ଆସନ୍ତାକାଲି ଜାପାନର କେଣ୍ଟା

ନିଶିମୋତୋଙ୍କ ସହ ଓପ୍‌ନିଂ ପର୍ଯ୍ୟାୟ ମ୍ୟାଚ୍ ଖେଳିବେ । ମହିଳା ସିଙ୍ଗଲ୍ସରେ ଆକର୍ଷି କଶ୍ୟପ, ମାଳବିକା ବନ୍‌ସୋଡ, ସାମିଆ ଇମାଦ୍ ଫାରୁକି ମ୍ୟାଚ୍ ଖେଳିବେ । ସାମିଆ ସ୍କଟଲ୍ୟାଣ୍ଡର ଖେଳାଳିଙ୍କ ସହ ପ୍ରଥମ ରାଉଣ୍ଡ ଖେଳିବାକୁ ଥିବାବେଳେ ଆକର୍ଷି ଚୀନ୍‌ର ଚିଉପିନ ଚ୍ୟାନ୍‌ଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ ।